ବସୁଧା
ପ୍ରମେୟ
ମଙ୍ଗଳବାର, ୨୪ ଡିସେମ୍ବର ୨୦୧୯

# ଗାଈଗୋରୁଙ୍କ ଚର୍ମ ବିଣ୍ଡି ରୋଗ



**ଆମ ରାଜ୍ୟର ବିଭିନ୍ନ ଅଞ୍ଚଳର ଗାଈଗୋରୁ ଓ ମଇଁଷିଙ୍କଠାରେ ବସନ୍ତ ଭଳି ଏକ ରୋଗ ଦେଖାଯାଏ । ଏହି ରୋଗରେ ପ୍ରାଣୀମାନଙ୍କର ଶରୀରରେ ବିଣ୍ଡି ବିଣ୍ଡି କରି ଫୁଲିଯିବା ସହ ଜ୍ୱର ହୁଏ ଓ ଗୋଡ଼ ଫୁଲିଯାଏ । ଏହାକୁ ଚର୍ମବିଣ୍ଡି ରୋଗ ବା ଲମ୍ପି ଚର୍ମ ରୋଗ କୁହାଯାଏ । ଏହା ଏକ ଜୀବାଣୁ ଜନିତ ରୋଗ ତଥା ମଶା, ଡାଆଁସ ଓ ଟିକ୍ସ, ଆକ୍ରାନ୍ତ କଲେ ପ୍ରାଣୀର ଲାଳ ଓ ଲୁହ ଦ୍ୱାରା ବ୍ୟାପିଥାଏ । ଏହାକୁ ଯଥାଶୀଘ୍ର ନ ରୋକିଲେ ଏହା ସଂକ୍ରାମକ ହୋଇ ଗାଈଗୋରୁଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦିଏ ।**

## କିଏ ଏହି ରୋଗ କରାଇଥାଏ ?

ଲମ୍ପି ଚର୍ମ ରୋଗ ବା ଚର୍ମବିଣ୍ଡି ରୋଗ କାପ୍ରିପକ୍ସ ବଂଶର ଏକ ଜୀବାଣୁ ଦ୍ୱାରା ହୋଇଥାଏ। ଏହି ଭିଏରସ୍ ଜୀବାଣୁଟି ଛେଳି ଓ ମେଣ୍ଢା ବସନ୍ତ ରୋଗର ଜୀବାଣୁ ବଂଶର। ଏହି ରୋଗରେ ୧୦୦ ପଶୁ ମଧ୍ୟରୁ ୧୦ ରୁ ୨୦ ଟି ପଶୁ ଆକ୍ରାନ୍ତ ହୋଇଥାନ୍ତି । କିନ୍ତୁ ଆକ୍ରାନ୍ତ ପଶୁ ମଧ୍ୟରୁ ୧୦୦ରେ ଗୋଟିଏରୁ ପାଞ୍ଚଟି ମୃତ୍ୟୁମୁଖରେ ପଡିଥାନ୍ତି । ଅଧିକ କ୍ଷୀର ଦେଉଥିବା ଗାଈ ତଥା ସଂକର ଜାତୀୟ ଗାଈଗୋରୁଙ୍କ ଠାରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଯାଇଥାଏ। ଛୋଟ ବାଛୁରୀ ଓ ଦୁର୍ବଳ ପଶୁମାନେ ଅଧିକ କ୍ଷତି ସହିଥାନ୍ତି।

## ରୋଗ କିପରି ବ୍ୟାପେ

ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଏହି ଜୀବାଣୁକୁ ସୁହାଇଥାଏ । ଏହାଛଡା ପାଣି ଜମୁଥିବା ଅଞ୍ଚଳ ଗୁଡିକରେ ଏହା ଅଧିକ ହୁଏ । ମଶା, ଡାଆଁସ ଓ ଟିକ୍ସ ଦ୍ୱାରା ଏହି ଜୀବାଣୁ ଆକ୍ରାନ୍ତ ପ୍ରାଣୀରୁ ସୁସ୍ଥ ପ୍ରାଣୀକୁ ଯାଇଥାଏ । ଏହାଛଡା ରୋଗଗ୍ରସ୍ତ ପ୍ରାଣୀର ଲାଳ, ଲୁହ, ସିଙ୍ଘାଣି, କ୍ଷୀର ଓ ଶୁକ୍ରାଣୁ ଦ୍ୱାରା ମଧ୍ୟ ବ୍ୟାପିଥାଏ । ସଂକ୍ରମିତ ପଶୁଙ୍କର ରୋଗଗ୍ରସ୍ତ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ନେବା ଆଣିବା କରିବା, ଗୋଠରେ ଏକାଠି ଚରିବା, ଗୁହାଳରେ ରୋଗା ଓ ନିରୋଗ ମିଶି ରହିବା ଏହି ରୋଗ ବ୍ୟାପିବାରେ ସହାୟକ ହୁଏ । ପଶୁଠାରୁ ମଣିଷକୁ ବ୍ୟାପିବାର ପ୍ରମାଣ ଜଣାପଡିନାହିଁ । କିନ୍ତୁ ଗାଈଠାରୁ କ୍ଷୀର ଦ୍ୱାରା ବାଛୁରୀକୁ ସଂକ୍ରମଣ ହୋଇଥାଏ ।

## ରୋଗର ଲକ୍ଷଣ କଣ ?

ପଶୁଟି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବାର ସପ୍ତାହକ ଭିତରେ ଆଖି ଓ ନାକରୁ ଲାଳ ନିର୍ଗତ ହୋଇଥାଏ, ୨-୩ ଧରି ସକାଳେ-ସନ୍ଧ୍ୟାରେ ଜ୍ୱର ହୁଏ ତଥା ଗୋଡ ଫୁଲିଯାଏ । ରୋଗ ସଂକ୍ରମଣର ୪୮ ଘଣ୍ଟା ମଧ୍ୟରେ ଦେହସାରା ଚମଡାରେ ୨-୫ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଗୋଲାକାର ଆବୁ ଦେଖାଯାଏ । ଏହି ଆବୁ ଗୁଡିକ ଗୋଲାକାର ଓ ଚିପିଲେ ଟାଣ ଲାଗେ । ଗୋଡ ଓ ଶରୀରର ତଳଭାଗର, ଆଗ ଦୁଇଗୋଡ ମଝି, ପହ୍ଲା ଓ ପରିସ୍ରାବ ସ୍ଥାନ ଫୁଲିଯିବାର ସମ୍ଭାବନା ଥାଏ । ଖାଦ୍ୟନଳୀ ଓ ଶ୍ୱାସନଳୀରେ ମଧ୍ୟ ଫୋଟକା ହେବାର ସମ୍ଭାବନା ଥାଏ । ତେଣୁ ପ୍ରାଣୀଙ୍କୁ ଖାଦ୍ୟ ଖାଇବାରେ କଷ୍ଟ ହୋଇଥାଏ । ଗର୍ଭ ନଷ୍ଟ ହେବାର ସମ୍ଭାବନା ଥାଏ । ଗୋଡରେ ଓ ଦେହସାରା ଘା' ହୋଇ ଚାଲିବାରେ କଷ୍ଟ ହୋଇଥାଏ । ପ୍ରାଣୀଟି ଅତ୍ୟଧିକ ଦୁର୍ବଳ ହୋଇଯାଏ । ଗୋଡ଼ର ଖୁରା ଉପର କିମ୍ବା ଆଖି ପାଖ ଫୁଲିଯାଏ ।

## ରୋଗର ଚିକିତ୍ସା କିପରି କରିବା

ଏହା ଏକ ଜୀବାଣୁଜନିତ ରୋଗ ହୋଇଥିବାରୁ ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଏହି ରୋଗ ପରି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ଅସୁସ୍ଥ ପ୍ରାଣୀଟିର ଚିକିତ୍ସା କରାଇ ନିଅନ୍ତୁ । ଜ୍ୱର ଅଧିକ ସମୟ ଧରି ରହିଲେ ପାରାସିଟାମଲ୍ ଦେଇ ଜ୍ୱର କମାଇ ପାରିବେ । ଅଧିକ ଘା' ହେଲେ ୫-୭ ଦିନ ଆଣ୍ଟିବାୟୋଟିକ୍, ପ୍ରତିରକ୍ଷା ଶକ୍ତି ବର୍ଦ୍ଧକ ଔଷଧ ତଥା ଭିଟାମିନ୍-ଖଣିଜ ମିଶ୍ରଣ ବ୍ୟବହାର କଲେ ପ୍ରାଣୀଟି ଶୀଘ୍ର ସୁସ୍ଥ ହୋଇଥାଏ ଓ ଅନ୍ୟାନ୍ୟ ଇନ୍‌ଫେକ୍ସନ୍ କମ୍ ହୋଇଥାଏ । ଘା'ରେ ନିମ୍ବପତ୍ର ଓ ହଳଦିକୁ କଞ୍ଚା ନଡିଆ ତେଲ ସହ ବାଟି କର୍ପୂର ସହ ମିଶାଇ ଲଗାନ୍ତୁ । ପ୍ରାଣୀଟି ସୁସ୍ଥ ହେବା ପାଇଁ ୧୫-୨୦ ଦିନ ସମୟ ଲାଗିଥାଏ । ଅସୁସ୍ଥ ପ୍ରାଣୀଟିକୁ ଗୁହାଳ ମଧ୍ୟରେ ନ ରଖି ଦିନ ସମୟରେ ସୂର୍ଯ୍ୟକିରଣରେ ରଖିବା ଉଚିତ୍ । ଆବୁ ଫାଟିଲା ପରେ ଚର୍ମରେ ହୋଇଥିବା ଘା'କୁ ଖାଇବା ସୋଡା ପାଣିରେ ପରିଷ୍କାର କରି ମଲମ ଲଗାଇଲେ ଘା' ଶୀଘ୍ର ଶୁଖିଥାଏ । ଗୁହାଳ ଚାରିପାଖରେ ମଇଳା ପାଣି ଜମିବାକୁ ଦେବା ଅନୁଚିତ୍ । ଅସୁସ୍ଥ ପ୍ରାଣୀକୁ ବାହାରକୁ ଚରିବା ପାଇଁ ଛାଡ଼ିବା ଅନୁଚିତ୍ । ଅସୁସ୍ଥ ପ୍ରାଣୀକୁ ଶୁଖିଲା ନଡ଼ା ଖାଇବାକୁ ନ ଦେଇ ନଡାକୁ କଟୁରାଇ ଅଥବା ଦାନା ଓ ନରମ ଘାସ ଖାଇବାକୁ ଦିଅନ୍ତୁ । ପ୍ରାଣୀର ଲାଳ ଓ ସିଙ୍ଘାଣୀ ଆଦିକୁ ମାଟିରେ ପୋତେଇ ଦିଅନ୍ତୁ । ଏହି ରୋଗ ହେଲା ପରେ ମରକ୍ୟୁରସ୍ ସଲଫ ୱାସ୍‌ଏମ୍ ତଥା ରୋଗ ହେବା ପୂର୍ବରୁ ଭାଇରିକିଲିନ୍ ୱାସ୍‌ଏମ୍ ହେମିଡୋଜ୍ ଔଷଧ ଡାକ୍ତରଙ୍କୁ ପରାମର୍ଶ କରି ଦିଅନ୍ତୁ ।

## ପ୍ରତିକାର କିପରି କରିବା

ଏହି ରୋଗର ଟୀକାକରଣ ବ୍ୟବସ୍ଥା ଆମ ଦେଶରେ ନାହିଁ । ତେଣୁ ଚାଷୀମାନଙ୍କୁ ସଚେତନ ରହି ରୋଗର ତୁରନ୍ତ ଚିକିତ୍ସା କରାଇ ପାରିଲେ ପ୍ରାଣୀଟି ସୁସ୍ଥ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଗୁହାଳଠାରୁ ୪୦ରୁ ୫୦ ଫୁଟ୍ ଦୂରରେ ଗୋବର ଓ ମୂତ୍ର ପକାନ୍ତୁ । ଗୁହାଳକୁ ଫିନାଇଲ୍ ପକାଇ ୧୫ମିନିଟ୍ ରଖନ୍ତୁ କିମ୍ବା ଫର୍ମାଲିନ୍ ବ୍ୟବହାର କରି ପରିଷ୍କାର କରିବା ଉଚିତ୍। ଏହି ରୋଗରେ ମରିଥିବା ପଶୁକୁ ଗଭୀର ଗାତ କରି ଚୂନ ଦେଇ ପୋତି ଦିଅନ୍ତୁ ।

## ସରକାରୀ ପଦକ୍ଷେପ

ଏହି ରୋଗର ଜୀବାଣୁ ଛେଳି ବସନ୍ତ ରୋଗର ଜୀବାଣୁ ବଂଶର ହୋଇଥିବାରୁ ଛେଳି ବସନ୍ତ ଟୀକା ସଂକ୍ରମିତ ଅଞ୍ଚଳର ୫କି.ମି ବ୍ୟାସାର୍ଦ୍ଧରେ ବାହାର ଅଞ୍ଚଳରୁ ସଂକ୍ରମିତ ଗାଁକୁ ରିଙ୍ଗ ଟୀକାକରଣ କରାଯାଇଥାଏ । ଏହାଦ୍ୱାରା ରୋଗଟି ବ୍ୟାପି ପାରେ ନାହିଁ । ଏହି ରୋଗ ଦେଖାଦେଲେ ଯଥାଶୀଘ୍ର ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କରେ ଜଣାନ୍ତୁ ଓ ଚିକିତ୍ସାର ବ୍ୟବସ୍ଥା କରାନ୍ତୁ ।

**ଡା. ରଞ୍ଜନ କୁମାର ମହାନ୍ତ ଓ ଡା. ଅନଙ୍ଗ କୁମାର ଦାସ , ପ୍ରାଣୀ ବିଜ୍ଞାନୀ, କୃଷି ବିଜ୍ଞାନ କେନ୍ଦ୍ର କଟକ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ, ସାହାରପଡା, ମୋ. ୮୭୬୩୭୬୭୧୦୬୦**